ମୂର୍ତ୍ତିଦେବୀ ପୁରସ୍କାରର ଆଭିମୁଖ୍ୟ ସମ୍ପର୍କରେ କୁହାଯାଇଛି ଯେ, ଯେକୌଣସି ଭାରତୀୟ ଭାଷାରେ ରଚିତ ପ୍ରଗାଢ଼ ଚିନ୍ତନମୂଳକ ବା ବୌଦ୍ଧିକ ରଚନାର ଲେଖକମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ତାଙ୍କ ରଚନାରେ ଭାରତୀୟ ଦର୍ଶନ, ସାଂସ୍କୃତିକ ପରମ୍ପରା, ପ୍ରଶସ୍ତ ଆଦର୍ଶବାଦୀ ଚିନ୍ତନ ଓ ମାନବିକ ମୂଲ୍ୟବୋଧ ସମାହିତ ହୋଇଥିବା ଉଚିତ। ଏଥିରୁ ସ୍ପଷ୍ଟ ସୂଚୀତ ହେଉଛି ଯେ ଆମ ମହାନ୍ ଭାରତୀୟ ସଂସ୍କୃତି ଓ ପରମ୍ପରାର ଧାରା ଆମ ସାହିତ୍ୟର ଧାରାରେ ସମ୍ମିଳିତ ହୋଇରହୁ ଏବଂ ଆମ ଜନଜୀବନରେ ସେସବୁ ଉଜ୍ଜୀବିତ ହୋଇ ରହିଥାଉ। ଏମିତି ମୂଲ୍ୟବୋଧ ଭିତ୍ତିକ ରଚନାର ପାଠକ ପାଠିକା ଆମ ଦେଶରେ ବିପୁଳ ସଂଖ୍ୟାରେ ରହିଛନ୍ତି ଓ ରହିଥିବେ ମଧ୍ୟ। ସାହିତ୍ୟର ଅମୃତଧାରା ଚିରପ୍ରବାହିତ ହୋଇରହିବ, ଏଥିରେ କୌଣସି ସନ୍ଦେହର ଅବକାଶ ନାହିଁ। ପୁରସ୍କାର ପ୍ରଦାନ କରାଯାଉଥିବା ସଂସ୍ଥା ତରଫରୁ ମଧ୍ୟ କୁହାଯାଇଛି ଯେ ସଠିକ୍ ମୂଲ୍ୟବୋଧ ଭିତ୍ତିକ କୌଣସି ପୁସ୍ତକ ନଥିଲେ ସେ ବର୍ଷର ପୁରସ୍କାର କାହାରିକୁ ପ୍ରଦାନ କରାଯାଇନଥାଏ। ଏଠାରେ ଉଲ୍ଲେଖନୀୟ ଯେ ୧୯୮୩ ମସିହାରୁ ଏଯାବତ୍ ପାଞ୍ଚ ବର୍ଷ ସକାଶେ ଏହା କୌଣସି ଲେଖକଙ୍କୁ ପ୍ରଦାନ କରାଯାଇନାହିଁ।



ଏପର୍ଯ୍ୟନ୍ତ ଏହି ପୁରସ୍କାର ପ୍ରାପକମାନଙ୍କ ମଧ୍ୟରେ ଅଛନ୍ତି ବହୁ ବିଶିଷ୍ଟ ଭାରତୀୟ କବି ଓ ଲେଖକଗଣ। ଆମ ଓଡ଼ିଆ ଭାଷାର ବିଶିଷ୍ଟ କଥାଶିଳ୍ପୀ ଡ. ପ୍ରତିଭା ରାୟ ତାଙ୍କ ବହୁ ଚର୍ଚ୍ଚିତ 'ଯାଜ୍ଞସେନୀ' ଉପନ୍ୟାସ ପାଇଁ ୧୯୯୧ ମସିହା ସକାଶେ ପାଇଥିଲା ବେଳେ ବିଶିଷ୍ଟ କବି ଓ ଆଲୋଚକ ଶ୍ରୀ ହର ପ୍ରସାଦ ଦାସ ୨୦୧୨ ମସିହା ସକାଶେ ତାଙ୍କ ରଚିତ କବିତା ସଂକଳନ 'ବଂଶ' ପାଇଁ ଏହି ମର୍ଯ୍ୟାଦାଜନକ ପୁରସ୍କାର ଲାଭ କରିଛନ୍ତି। ପ୍ରକାଶ ଥାଉକି ଡ. ରାୟ ହେଉଛନ୍ତି ଏହି ପୁରସ୍କାର ପାଇବାରେ ଆମ ଦେଶର ପ୍ରଥମ ଲେଖିକା। ଅନ୍ୟ ଭାରତୀୟ ଭାଷାର ସୁପରିଚିତ ଲେଖକମାନଙ୍କ ମଧ୍ୟରେ ଅଛନ୍ତି ବିଷ୍ଣୁ ପ୍ରଭାକର, ବିଦ୍ୟାନିବାସ ମିଶ୍ର, ନିର୍ମଳ ବର୍ମା, ଏମ୍ ବୀରାପ୍ପା ମୋଇଲି, ଅକ୍କିଥାମ୍, ସି. ରାଧାକ୍ରିଷ୍ଣନ ଓ କୋଲାକାଲରି ଏନକ୍ ପ୍ରମୁଖ। ଏମାନଙ୍କ ମଧ୍ୟରୁ ପରବର୍ତ୍ତୀ ସମୟରେ କେତେକ ଲେଖକ ଦେଶର ସର୍ବୋଚ୍ଚ ସାହିତ୍ୟ ପୁରସ୍କାର ଜ୍ଞାନପୀଠ ଓ ସରସ୍ୱତୀ ସମ୍ମାନ ପ୍ରାପ୍ତ ହୋଇଛନ୍ତି। ଏମାନଙ୍କ ମଧ୍ୟରେ କଥାକାର ନିର୍ମଳ ବର୍ମା, ପ୍ରତିଭା ରାୟ ଓ ବୀରାପ୍ପା ମୋଇଲିଙ୍କ ନାମ ଉଲ୍ଲେଖନୀୟ।

୨୦୧୭ ମସିହା ପାଇଁ ଏହି ସମ୍ମାନଜନକ ପୁରସ୍କାର ସକାଶେ ମନୋନୀତ ହୋଇଛନ୍ତି ବଙ୍ଗଳା ଭାଷାରେ ବିଶିଷ୍ଟ କବି ଜୟ ଗୋସ୍ୱାମୀ। ସେ ତାଙ୍କର କବିତା ସଙ୍କଳନ 'ଦୁ ଦଣ୍ଡ ଫୋୟାରା ମାତ୍ର' ପାଇଁ ଏହି ପୁରସ୍କାର ପାଇବେ। ପ୍ରକାଶ ଥାଉକି ଏହି ପୁରସ୍କାର ବଙ୍ଗଳା ଭାଷାର କୌଣସି ଲେଖକଙ୍କୁ ଏହି ପ୍ରଥମ ଥର ହିଁ ଅର୍ପଣ କରାଯାଉଛି।

କବି ଜୟ ଗୋସ୍ୱାମୀଙ୍କର ଜନ୍ମ ୧୦ ନଭେମ୍ବର ୧୯୫୪ ମସିହାରେ; ତାଙ୍କ ଶୈଶବ ବିତିଛି ନଦିଆ ଜିଲ୍ଲାର ରାଣାଘାଟରେ। ଦୀର୍ଘଦିନ ଧରି ସେ କଲିକତା ମହାନଗରୀରେ ବସବାସ କରି ଆସୁଛନ୍ତି। ସେ ଏକାଦଶ ଶ୍ରେଣୀ ଯାଏ ଆନୁଷ୍ଠାନିକ ଶିକ୍ଷା ଲାଭ କରିଥିଲେ ମଧ୍ୟ ନିଜର ଧୀଶକ୍ତି ଓ ସୃଜନ ସାଧନାରେ ସମକାଳର ବଙ୍ଗଳା ସାହିତ୍ୟରେ ଜଣେ ଅଗ୍ରଣୀ ଲେଖକ ଭାବେ ସ୍ୱୀକୃତ ଓ ବହୁ ଜନାଦୃତ। ବଙ୍ଗଳା ଭାଷାର ବହୁ ପ୍ରସାରିତ ପାକ୍ଷିକ ସାହିତ୍ୟ ପତ୍ରିକାର ସମ୍ପାଦନ ବିଭାଗରେ ପ୍ରାୟ ଦେଢ଼ ଦଶନ୍ଧି ଧରି କାର୍ଯ୍ୟ କରିଛନ୍ତି। ତାଙ୍କ ରଚିତ କାବ୍ୟ ସଂକଳନ 'ଘୁମିୟେଛୋ, ଝାଉପାତା ?' ଏବଂ କାବ୍ୟୋପନ୍ୟାସ 'ଯାରା ବୃଷ୍ଟିତେ ଭିଜେଛିଲୋ' ପାଇଁ ଦୁଇଥର ଆନନ୍ଦ ପୁରସ୍କାର ଲାଭ କରିଛନ୍ତି। ୧୯୯୭ ମସିହାରେ ସେ କବିତା ସଂକଳନ 'ବଜ୍ର ବିଦ୍ୟୁତ୍-ଭର୍ତ୍ତି ଖାତା' ପାଇଁ ପଶ୍ଚିମବଙ୍ଗ ବାଂଲା ଏକାଡ଼େମୀ ପୁରସ୍କାର ପାଇଛନ୍ତି। ୨୦୦୦ ମସିହା ସକାଶେ କବିତା ସଂକଳନ 'ପାଗ୍‌ଲୀ, ତୋମାର ସଙ୍ଗେ' ପାଇଁ ସେ କେନ୍ଦ୍ର ସାହିତ୍ୟ ଅକାଦେମି ପୁରସ୍କାର ଲାଭ କରିଛନ୍ତି। ୨୦୦୧ ମସିହାରେ ଆମେରିକାର ଆଇଓୟା ଅନ୍ତର୍ଜାତୀୟ ଲେଖକ ଶିବିରରେ ଆମନ୍ତ୍ରିତ ହୋଇ ଯୋଗଦେବା ସହ ଅଷ୍ଟ୍ରେଲିଆର ମେଲ୍‌ବୋର୍ଣ୍ଣ ଓ ସିଡ୍‌ନୀ ଏବଂ ୨୦୧୦ ମସିହାରେ ଚୀନ ଦେଶର ବେଜିଂ ଓ ସଂହାଇରେ ଆୟୋଜିତ 'ଅଲମୋଷ୍ଟ ଆଇଲ୍ୟାଣ୍ଡ ଡାଏଲଗ୍' ଉତ୍ସବରେ ଯୋଗ ଦେଇ କବିତା ପାଠ କରିଛନ୍ତି। ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ସେ ଭାରତୀୟ ଭାଷା ପରିଷଦ ତରଫରୁ 'ରଚନା ସମଗ୍ର' ପୁରସ୍କାର ଓ ଆଇଆଇପିଏମ୍ ତରଫରୁ ମାଇକେଲ୍ ମଧୁସୂଦନ ଦତ୍ତ ସ୍ମୃତି ପୁରସ୍କାର ମଧ୍ୟ ଲାଭ କରିଛନ୍ତି।

ମୁଖ୍ୟତଃ କବିତା ରଚନାରେ ମଗ୍ନ ଥିବା ଏହି କବିଙ୍କର ଗଦ୍ୟ ରଚନାରେ ରହିଛି ଅନେକ ପୁସ୍ତକ। କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ ରଚନା କ୍ଷେତ୍ରରେ ମଧ୍ୟ ସେ ପାଇଛନ୍ତି ବହୁ ପାଠକୀୟ ଶ୍ରଦ୍ଧା। ଜଣେ